## ଯୋଗାଣ ମନ୍ତ୍ରୀଙ୍କ ସହ ଆଲୋଚନାକଲେ କେନ୍ଦ୍ରମନ୍ତ୍ରୀ

# ପ୍ରତି ପ୍ରବାସୀଙ୍କୁ ମିଳିବ ୫ କେଜି ଚାଉଳ



- ୨ ମାସ ଖାଦ୍ୟ ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ ଚିଠି
- ଯେଉଁଠାରେ ଫସିଥିବେ ସେଇ ରାଜ୍ୟ ଦେବ ସାମଗ୍ରୀ
- ୮୨ ଲକ୍ଷ ପରିବାରକୁ ମିଳିଛି ଚାଉଳ ଓ ଡାଲି

**ଭୁବନେଶ୍ୱର,୨୨।୫/ଏନ୍‌ଏନ୍‌ଏସ୍‌:** କେନ୍ଦ୍ର ସରକାରଙ୍କ ପକ୍ଷରୁ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମରେ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନଥିବା ସମସ୍ତ ରାଜ୍ୟର ପ୍ରବାସୀ ଶ୍ରମିକଙ୍କୁ ମାସକୁ ମୁଣ୍ଡପିଛା ୫ କେଜି ଚାଉଳ, ପରିବାର ପିଛା ମାସକୁ ୧ କେଜି ଚଣା ବିନାମୂଲ୍ୟରେ ଦୁଇମାସ ପାଇଁ ଦେବା ଲାଗି ନିଷ୍ପତ୍ତି ହୋଇଛି। ତେବେ ଏହାର ବଣ୍ଟନ ପ୍ରକ୍ରିୟାକୁ ସୁବ୍ୟବସ୍ଥା କରିବା ପାଇଁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ କେନ୍ଦ୍ର କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ପ୍ରକାଶଥାଉ କି, ଅନ୍ୟ ରାଜ୍ୟରୁ ଫେରୁଥିବା ପ୍ରବାସୀ ଓଡ଼ିଆ ଏବଂ ଓଡ଼ିଶାରେ ରହିଯାଇଥିବା ଅନ୍ୟ ରାଜ୍ୟର ଶ୍ରମିକଙ୍କୁ କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମରେ ଏହି ଚାଉଳ ଓ ଚଣା ମେ' ଓ ଜୁନ୍‌ ୨ମାସ ଲାଗି ବିନା ମୂଲ୍ୟରେ ଯୋଗାଇଦେବା ଲାଗି ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଚାଉଳ ଓ ଚଣା ଯୋଗାଣ ପରେ ବିଭାଗକୁ ହିତାଧିକାରୀଙ୍କ ତାଲିକା ଯୋଗାଇଦେବା ପାଇଁ କୁହାଯାଇଛି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରବାସୀ ଶ୍ରମିକଙ୍କ ବାବଦରେ ଏକ ନିର୍ଭରଯୋଗ୍ୟ ତଥ୍ୟ ଓ ତାଲିକା ଅଭାବରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ରାସନ୍‌ କାର୍ଡ ନିର୍ବିଶେଷରେ ସମସ୍ତ ପ୍ରବାସୀଙ୍କୁ ମାସକୁ ମୁଣ୍ଡପିଛା ୫କେଜି ଚାଉଳ ଓ ପରିବାର ପିଛା ମାସକୁ ୧କେଜି ଚଣା ଯୋଗାଇ ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। ନିଜ ରାଜ୍ୟକୁ ଫେରୁଥିବା ଶ୍ରମିକଙ୍କର ଦୁର୍ଦ୍ଦଶା ଓ ବାଟରେ ଦୁର୍ଘଟଣାଜନିତ ଅକାଳ ମୃତ୍ୟୁକୁ ନେଇ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ କିଛି ପ୍ରବାସୀ ନିଜ ରାଜ୍ୟକୁ ଫେରି ଆସିଥିବା ବେଳେ ଅନ୍ୟ ରାଜ୍ୟରେ ଏବଂ କିଛି ବାଟରେ ରହିଯାଇଥିବା ବିଷୟରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ଏପରି କ୍ଷେତ୍ରରେ ପ୍ରବାସୀଙ୍କର ସଠିକ୍‌ ତଥ୍ୟ ସଂଗ୍ରହ ଲାଗି ଜାତୀୟସ୍ତରରେ ଏକ ଟାସ୍କଫୋର୍ସ ଗଠନ କରି ଡାଟାବେସ୍‌ ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରସ୍ତାବ ଦେଇଛନ୍ତି। କରୋନା ସଂକ୍ରମଣର ମୁକାବିଲା ଲାଗି ସମଗ୍ର ଦେଶ ସମେତ ରାଜ୍ୟରେ ଲକ୍‌ଡାଉନ୍‌ ଜାରି କରାଯାଇଥିବା କ୍ଷେତ୍ରରେ ବିଭିନ୍ନ ରାଜ୍ୟରୁ ପ୍ରବାସୀ ଶ୍ରମିକମାନେ ଲକ୍ଷଲକ୍ଷ ସଂଖ୍ୟାରେ ଓଡ଼ିଶା ଆସୁଥିବା ହେତୁ ସେମାନଙ୍କ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ଯୋଜନାରେ ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ ଅନ୍ତର୍ଗତ ମୋଟ୍‌ ହିତାଧିକାରୀଙ୍କ ସଂଖ୍ୟାର ସର୍ବାଧିକ ୧୦ପ୍ରତିଶତ ହିସାବରେ ପ୍ରବାସୀଙ୍କ ଲାଗି ଚାଉଳ ଓ ଚଣା ମେ' ଓ ଜୁନ୍‌ ୨ମାସ ପାଇଁ ଆବଣ୍ଟନ କରିଛନ୍ତି। ତେବେ ଯେଉଁ ପ୍ରବାସୀମାନେ ଅନ୍ୟ ରାଜ୍ୟଗୁଡିକରେ ଅଟକ ରହିଯାଇଛନ୍ତି ସେମାନଙ୍କୁ ସେହି ରାଜ୍ୟ ତୁରନ୍ତ ରିଲିଫ୍‌ ଆକାରରେ ଚାଉଳ ଓ ଚଣା ଯୋଗାଇଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରସ୍ତାବ ଦେଇଛନ୍ତି।

ବୈଠକରେ ରାଜ୍ୟ ପକ୍ଷରୁ ଖାଦ୍ୟ ସୁରକ୍ଷା ଯୋଜନାରେ ସମସ୍ତ ହିତାଧିକାରୀଙ୍କୁ ନିୟମିତ ରାସନ୍‌ ୩ମାସ ପାଇଁ ଆଗୁଆ ଏକକାଳୀନ ଯୋଗାଇ ଦିଆଯାଇଥିବା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଆଜି ସୁଦ୍ଧା ୮୨ଲକ୍ଷ କାର୍ଡଧାରୀଙ୍କୁ ଏକକାଳୀନ ୩ମାସ ପାଇଁ ଚାଉଳ ଏବଂ ଡାଲି ଯୋଗାଇ ଦିଆଯାଇଥିବା କଥା ଉଲ୍ଲେଖ କରିଥିବା ବେଳେ ଅବଶିଷ୍ଟ କାର୍ଡଧାରୀଙ୍କୁ ଚାଉଳ ଓ ଡାଲି ବଣ୍ଟନ କାର୍ଯ୍ୟ ମେ' ୩୧ସୁଦ୍ଧା ଶେଷ ହୋଇଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଦ୍ୟ ଶସ୍ୟ ଯୋଗାଣ ଏବଂ ରବି ଧାନ ସଂଗ୍ରହ ଲାଗି ଆବଶ୍ୟକ ଝୋଟ ଅଖା ତୁରନ୍ତ ରାଜ୍ୟକୁ ଯୋଗାଇ ଦେବା ପାଇଁ ମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏଥିଲାଗି ଜୁଟ୍‌ କମିଶନରଙ୍କ ନିକଟରେ ଅର୍ଥ ଦାଖଲ କରାଯାଇ ସାରିଥିବା ବେଳେ ଲକ୍‌ଡାଉନ୍‌ ସ୍ଥିତି ଯୋଗୁଁ ଆବଶ୍ୟକ ପରିମାଣର ଅଖା ନମିଳୁଥିବାରୁ ଖାଦ୍ୟଶସ୍ୟ ଯୋଗାଣ ଏବଂ ଧାନ ସଂଗ୍ରହ ବାଧାପ୍ରାପ୍ତ ହେଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ।

ବୈଠକରେ ସମ୍ପ୍ରତି ଘଟିଯାଇଥିବା ବାତ୍ୟା ଅମ୍ପନ ଯୋଗୁଁ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଶୋକବ୍ୟକ୍ତ ପୂର୍ବକ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଲୋକସେବା ଭବନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସଚିବ ବୀରବିକ୍ରମ ଯାଦବ ଉପସ୍ଥିତ ଥିବା ବେଳେ ସମସ୍ତ ରାଜ୍ୟର ଖାଦ୍ୟ ଯୋଗାଣ ମନ୍ତ୍ରୀମାନେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବୈଠକରେ ଉପସ୍ଥିତ ଥିଲେ।